# NATIONAL NEWS BULLETIN (ODIA)

**26 November - 2024**

**Mid Bulletin : 1.50 p.m.**

---

## ମୁଖ୍ୟ ସମ୍ବାଦ

- ଭାରତର ସମ୍ବିଧାନ ଏକ ସକ୍ରିୟ ଏବଂ ପ୍ରଗତିଶୀଳ ଦସ୍ତାବିଜ, କହିଲେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ

  –ଦେଶରେ ଆଜି ସମ୍ବିଧାନ ଗ୍ରହଣର ୭୫ ବର୍ଷ ପୂର୍ତ୍ତି ଉପଲକ୍ଷେ ପାଳନ କରାଯାଉଛି ସମ୍ବିଧାନ ଦିବସ ।

– ବିଶ୍ୱର ସର୍ବବୃହତ ଏବଂ ସକ୍ରିୟ ଗଣତନ୍ତ୍ର ପାଇଁ ଏହା ଏକ ଉଲ୍ଲେଖନୀୟ ଉପଲବ୍ଧି ବୋଲି କହିଛନ୍ତି ଉପରାଷ୍ଟ୍ରପତି

– ଭାରତୀୟ ସମ୍ବିଧାନ ହେଉଛି ଭାରତୀୟଙ୍କ ବର୍ଷବର୍ଷର ତପସ୍ୟା, ତ୍ୟାଗ, ବିଜ୍ଞତା ଓ ଶକ୍ତିର ଫଳ, କହିଲେ ବାଚସ୍ପତି ଓମ୍ ବିର୍ଲା

- ୨୬/୧୧ ଆକ୍ରମଣର ଆଜି ଷୋଡ଼ଶ ବାର୍ଷିକୀ ଅବସରରେ ଶହୀଦ ବୀର ଯବାନମାନଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କଲେ ରାଷ୍ଟ୍ରପତି ।

ଏବଂ

- ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ପଦରୁ ଇସ୍ତଫା ଦେଲେ ଏକନାଥ ସିନ୍ଦେ

## କନ୍ଷ୍ଟିଟ୍ୟୁସନ୍ ଡେ

ସାରା ଦେଶରେ ଆଜି ସମ୍ବିଧାନ ଦିବସ ପାଳନ କରାଯାଉଛି । ଭାରତୀୟ ସମ୍ବିଧାନ ଗ୍ରହଣର ୭୫ ବର୍ଷ ଉପଲକ୍ଷେ ଆଜିଠାରୁ ଏକ ବର୍ଷ ବ୍ୟାପି ଉତ୍ସବ ପାଳନ କରାଯିବ ବୋଲି କେନ୍ଦ୍ର ସରକାର ଘୋଷଣା କରିଛନ୍ତି । ୨୦୨୫ ନଭେମ୍ବର ୨୬ ତାରିଖ ପର୍ଯ୍ୟନ୍ତ ସାରା ଦେଶରେ

ଏହି ଉତ୍ସବ ଚାଲିବ । ୧୯୪୯ ମସିହା ନଭେମ୍ବର ୨୬ ତାରିଖରେ ଭାରତର ସମ୍ବିଧାନ ସଭା, ସମ୍ବିଧାନକୁ ଗ୍ରହଣ କରିଥିଲା ଏବଂ ଏହା ୧୯୫୦ ଜାନୁଆରୀ ୨୬ରେ କାର୍ଯ୍ୟକାରୀ ହୋଇଥିଲା ।

୨୦୧୫ ମସିହାରେ ପ୍ରଥମ ସମ୍ବିଧାନ ଦିବସ ପାଳନ କରାଯାଇଥିଲା । ଏନ୍‌ଡିଏ ସରକାର ସମ୍ବିଧାନ ଡ୍ରାଫ୍ଟିଙ୍ଗ୍ କମିଟିର ଅଧ୍ୟକ୍ଷ ଭାବରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିବା ଡକ୍ଟର ବି.ଆର୍. ଆମ୍ବେଦକରଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ ପୂର୍ବକ ଏହି ଦିବସ ପାଳନ କରିବାକୁ ନିଷ୍ପତ୍ତି ନେଇଥିଲେ । ଏହି ଐତିହାସିକ ଦସ୍ତାବିଜ ପ୍ରସ୍ତୁତ କରିବା ଲାଗି ସମ୍ବିଧାନ ସଭାକୁ ୨ବର୍ଷ ୧୧ ମାସ ୧୭ ଦିନ ସମୟ ଲାଗିଥିଲା । ୧୯୪୯ ମସିହା ନଭେମ୍ବର ୨୬ ତାରିଖରେ ଭାରତର ସମ୍ବିଧାନ ସଭା' ସମ୍ବିଧାନକୁ ଗ୍ରହଣ  କରିଥିଲା, ଯାହାକୁ ୧୯୫୦ମସିହା ଜାନୁଆରୀ ୨୬ ତାରିଖରେ  କାର୍ଯ୍ୟକାରୀ କରାଯାଇଥିଲା ।

ଆମ ସମ୍ବିଧାନ ଭାରତକୁ ଏକ ସାର୍ବଭୌମ, ସମାଜବାଦୀ, ଧର୍ମନିରପେକ୍ଷ ଏବଂ ଗଣତାନ୍ତ୍ରିକ ରାଷ୍ଟ୍ରଭାବେ ଘୋଷଣା କରିଛି । ଏହାର ନାଗରିକମାନଙ୍କୁ ନ୍ୟାୟ, ସମାନତା ଏବଂ ସ୍ୱାଧୀନତାର ପ୍ରତିଶ୍ରୁତି ଦେବା ସହ ଭାଇଚାରାକୁ ପ୍ରୋତ୍ସାହିତ କରିବାକୁ ପ୍ରୟାସ କରୁଛି । ଏହା ବିଶ୍ୱର କୌଣସି ସାର୍ବଭୌମ ଦେଶର ସବୁଠାରୁ ଦୀର୍ଘ ଲିଖିତ ସମ୍ବିଧାନ ।

## ପ୍ରେଜ୍-କନ୍‌ଷ୍ଟିଚ୍ୟୁସନ ଡେ

ଭାରତର ସମ୍ବିଧାନ ଏକ ସକ୍ରିୟ ଏବଂ ପ୍ରଗତିଶୀଳ ଦସ୍ତାବିଜ ବୋଲି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ କହିଛନ୍ତି । ସମ୍ବିଧାନ ଦିବସ ଉପଲକ୍ଷେ

ନୂଆଦିଲ୍ଲୀର ସମ୍ବିଧାନ ସଦନର କେନ୍ଦ୍ରୀୟ କକ୍ଷରେ ଆୟୋଜିତ ଏକ ଭବ୍ୟ କାର୍ଯ୍ୟକ୍ରମକୁ ସମ୍ବୋଧିତ କରି ରାଷ୍ଟ୍ରପତି କହିଛନ୍ତି ସମ୍ବିଧାନ ଜରିଆରେ ଦେଶ ସାମାଜିକ ନ୍ୟାୟ ଏବଂ ସମାବେଶୀ ବିକାଶ ଲକ୍ଷ୍ୟ ହାସଲ କରିଛି । ସେ କହିଛନ୍ତି ସମାଜର ସବୁ ବର୍ଗ ବିଶେଷକରି ଦୁର୍ବଳ ବର୍ଗଙ୍କ କଲ୍ୟାଣ ପାଇଁ ସରକାର ବିଗତ ବର୍ଷ ଗୁଡ଼ିକରେ ଅନେକ ପଦକ୍ଷେପ ଗ୍ରହଣ କରିଛନ୍ତି । ଗରିବ ଲୋକମାନେ ନିଜସ୍ୱ ଘର ପାଉଛନ୍ତି ଏବଂ ଦେଶରେ ବିଶ୍ୱସ୍ତରୀୟ ଭିତ୍ତିଭୂମିର ବିକାଶ କରାଯାଇଛି ବୋଲି ରାଷ୍ଟ୍ରପତି କହିଛନ୍ତି । ସେ କହିଛନ୍ତି ଲୋକସଭା ଓ ରାଜ୍ୟ ବିଧାନସଭା ଗୁଡ଼ିକରେ ମହିଳା ସଂରକ୍ଷଣ ସଂପର୍କିତ ନାରୀଶକ୍ତି ବନ୍ଦନ ଅଧିନିୟମ ମହିଳା ସଶକ୍ତିକରଣ କ୍ଷେତ୍ରରେ ଏକ ନୂଆ ଯୁଗ ସୃଷ୍ଟି କରିଛି ।

ଏହି ଅବସରରେ ଉପରାଷ୍ଟ୍ରପତି ଜଗଦୀପ ଧନଖଡ କହିଛନ୍ତି, ଆଜିର ଦିନ ଏକ ଐତିହାସିକ ମାଇଲ୍ ଖୁଣ୍ଟ, କାରଣ ଦେଶ ଏହାର ସମ୍ବିଧାନ ଗ୍ରହଣ କରିବାର ୭୫ ବର୍ଷ ପୂର୍ତ୍ତି ପାଳନ କରୁଛି ।

ବିଶ୍ୱର ସର୍ବବୃହତ ଏବଂ ସକ୍ରିୟ ଗଣତନ୍ତ୍ର ପାଇଁ ଏହା ଏକ ଉଲ୍ଲେଖନୀୟ ଉପଲବ୍ଧି ବୋଲି ଉପରାଷ୍ଟ୍ରପତି କହିଛନ୍ତି । ସେ କହିଛନ୍ତି ଦେଶର ଅର୍ଥନୈତିକ ଅଭିବୃଦ୍ଧି, ସୁଦୃଢ଼ ଭିତ୍ତିଭୂମି ଓ ବ୍ୟାପକ ଡିଜିଟାଲ୍ ବ୍ୟବସ୍ଥା ଆନ୍ତର୍ଜାତିକ କ୍ଷେତ୍ରରେ ସ୍ୱୀକୃତି ପ୍ରଦାନ କରିଛି । ଏହି ସଫଳତା ପ୍ରମାଣ କରୁଛି ଯେ ଆମ ସମ୍ବିଧାନ ଭାରତୀୟ ଗଣତନ୍ତ୍ରକୁ ପ୍ରଭାବଶାଳୀ କରିଛି । ସମ୍ବିଧାନର ମୂଳ ମୂଲ୍ୟବୋଧ ଉପରେ ପ୍ରତିଫଳନ କରିବା ଏବଂ ଏହାର ପ୍ରତିବଦ୍ଧତାକୁ ଦୋହରାଇବା ଲାଗି ସେ ଆହ୍ୱାନ ଦେଇଛନ୍ତି ।

ଲୋକସଭା ବାଚସ୍ପତି ଓମ୍ ବିର୍ଲା କହିଛନ୍ତି ଭାରତୀୟ ସମ୍ବିଧାନ ହେଉଛି ଭାରତୀୟଙ୍କ ବର୍ଷବର୍ଷର ତପସ୍ୟା, ତ୍ୟାଗ, ବିଜ୍ଞତା ଏବଂ ଶକ୍ତିର ଫଳ । ଦେଶର ଭୌଗୋଳିକ ଓ ସାମାଜିକ ବିବିଧତାକୁ ଗୋଟିଏ ସୂତ୍ରରେ ବାନ୍ଧି ରଖିବା ପାଇଁ ୩ ବର୍ଷର କଠିନ ପରିଶ୍ରମ ପରେ ସମ୍ବିଧାନ ପ୍ରସ୍ତୁତ ହୋଇଥିଲା । ଆଜି ଦେଶର ସାମାଜିକ ଓ ଅର୍ଥନୈତିକ ପରିବର୍ତ୍ତନ ପାଇଁ ସମ୍ବିଧାନ ଏକ ପ୍ରେରଣାପୂର୍ଣ୍ଣ ଶକ୍ତି ପ୍ରମାଣିତ ହୋଇଛି ବୋଲି ଶ୍ରୀ ବିର୍ଲା କହିଛନ୍ତି ।

ଏହି ଅବସରରେ ରାଷ୍ଟ୍ରପତି  ଏକ ସ୍ମାରକୀ ଡାକ ଟିକଟ ଓ ମୁଦ୍ରା ଉନ୍ମୋଚନ କରିଛନ୍ତି ।

ସେ ମେକିଙ୍ଗ୍ ଅଫ୍ ଦ କନ୍‌ଷ୍ଟିଚ୍ୟୁସନ୍ ଅଫ୍ ଇଣ୍ଡିଆ – 'ଏ ଗ୍ଲିମ୍ପସ୍ ଏବଂ ମେକିଙ୍ଗ୍ ଅଫ୍ ଦ କନ୍‌ଷ୍ଟିଚ୍ୟୁସନ୍ ଅଫ୍ ଇଣ୍ଡିଆ ଆଣ୍ଡ ଇଟସ୍ ଗ୍ଲୋରିୟସ୍ ଜର୍ଣ୍ଣି' ଶୀର୍ଷକ ଦୁଇଟି ପୁସ୍ତକ  ମଧ୍ୟ ଉନ୍ମୋଚନ କରିଛନ୍ତି । ସମାରୋହରେ ସଂସ୍କୃତ ଏବଂ ମୈଥିଳି ଭାଷାରେ ସମ୍ବିଧାନ ପ୍ରକାଶିତ ହେବା ସହ ଭାରତୀୟ ସମ୍ବିଧାନର ସ୍ୱତନ୍ତ୍ରତା ପ୍ରତି ସମର୍ପିତ ଏକ ପୁସ୍ତିକା ଉନ୍ମୋଚିତ ହୋଇଛି ।

ଆୟୋଜିତ ସମାରୋହରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, କେନ୍ଦ୍ରମନ୍ତ୍ରୀଗଣ, ଲୋକସଭା ଓ ରାଜ୍ୟସଭାରେ ବିରୋଧୀଦଳ ନେତା, ସାଂସଦ ଏବଂ ଅନ୍ୟ ମାନ୍ୟଗଣ୍ୟ ବ୍ୟକ୍ତିମାନେ ଉପସ୍ଥିତ ଥିଲେ ।

## ପିଏମ୍-କନ୍‌ଷ୍ଟିଚ୍ୟୁସନ ଡେ

ଭାରତୀୟ ସମ୍ବିଧାନର ୭୫ତମ ବାର୍ଷିକୀ ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସମସ୍ତ ନାଗରିକଙ୍କୁ ଶୁଭେଚ୍ଛା ଜଣାଇଛନ୍ତି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଶ୍ରୀ ମୋଦୀ କହିଛନ୍ତି ଆମ ସମ୍ବିଧାନ ହେଉଛି ଦେଶର ମାର୍ଗଦର୍ଶକ । ପ୍ରଧାନମନ୍ତ୍ରୀ କହିଛନ୍ତି, ଭାରତୀୟ ସମ୍ବିଧାନ ହେଉଛି ଏକ ଦେଶର ହଜାର ହଜାର ବର୍ଷର ମହାନ ପରମ୍ପରାର ଆଧୁନିକ ଅଭିବ୍ୟକ୍ତି । ସେ କହିଛନ୍ତି ଆଜି ଦେଶ ଏହାର ସଂପୂର୍ଣ୍ଣ ସାମର୍ଥ୍ୟ ସହିତ ଅଗ୍ରସର ହେଉଛି ଓ ଏହାର ବିବିଧତାକୁ ନେଇ ଆମେ ଗର୍ବ ଅନୁଭବ କରୁଛୁ ।

## ସିଜେଆଇ-କନ୍‌ଷ୍ଟିଚ୍ୟୁସନ ଡେ

୭୫ତମ ସମ୍ବିଧାନ ଦିବସ ଅବସରରେ ପ୍ରଧାନ ବିଚାରପତି ଜଷ୍ଟିସ୍ ସଞ୍ଜୀବ ଖାନ୍ନା କହିଛନ୍ତି ଭାରତ ଏକ ସକ୍ରିୟ ଗଣତନ୍ତ୍ର ଏବଂ ଭୂ-ରାଜନୈତିକ ନେତା ଭାବରେ ଉଭା ହୋଇଛି ଓ ଏହାର ପରିବର୍ତ୍ତନରେ ଦେଶର ସମ୍ବିଧାନ ସାହାଯ୍ୟ କରିଛି । ସୁପ୍ରିମକୋର୍ଟ ବାର୍ ଆସୋସିଏସନ୍ ପକ୍ଷରୁ ଆୟୋଜିତ ସମାରୋହକୁ ସମ୍ବୋଧିତ କରି ପ୍ରଧାନ ବିଚାରପତି ଭାରତୀୟ ଗଣତନ୍ତ୍ରରେ ସମ୍ବିଧାନର ଭୂମିକା ଉପରେ ଆଲୋଚନା କରିଥିଲେ । ଏହି ଅବସରରେ ସେ ସମସ୍ତଙ୍କୁ ସମ୍ବିଧାନ ଦିବସର ଶୁଭେଚ୍ଛା ଜଣାଇଛନ୍ତି ।

## ପ୍ରେଜ୍-ମୁମ୍ବାଇ ଆଟାକ୍

୨୦୦୮ ନଭେମ୍ବର ୨୬ ତାରିଖରେ ମୁମ୍ବାଇରେ ହୋଇଥିବା ଆତଙ୍କବାଦୀ ଆକ୍ରମଣର ବାର୍ଷିକୀ ଅବସରରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଶହୀଦ

ହୋଇଥିବା ବୀର ଯବାନମାନଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି । ସାମାଜିକ ଗଣମାଧ୍ୟମରେ ଶ୍ରୀମତୀ ମୁର୍ମୁ କହିଛନ୍ତି, ଦେଶବାସୀଙ୍କୁ ସୁରକ୍ଷା ଦେବା ସମୟରେ ଚରମ ବଳିଦାନ ଦେଇଥିବା ବୀର ସୁରକ୍ଷା କର୍ମୀଙ୍କୁ ଦେଶ ସମ୍ମାନ ଜଣାଉଛି । ସେହି ବୀର ଯବାନମାନଙ୍କ ପରିବାର ପ୍ରତି ସହୃଦୟତା ପ୍ରକାଶ କରି ରାଷ୍ଟ୍ରପତି କହିଛନ୍ତି, ଏହି ଦିନଟି ପୁଣି ଥରେ ଯେକୌଣସି ପ୍ରକାରର ଆତଙ୍କବାଦକୁ ପରାସ୍ତ କରିବା ଲାଗି ଭାରତର ଦୃଢ଼ ପ୍ରତିବଦ୍ଧତା ପ୍ରକାଶ କରୁଛି ।

## ୨୬/୧୧ ମୁମ୍ବାଇ ଆଟାକ୍

୨୬/୧୧ ମୁମ୍ବାଇ ଆତଙ୍କବାଦୀ ଆକ୍ରମଣର ଷୋଡ଼ଶ ବାର୍ଷିକୀ ଅବସରରେ ଆଜି ମୁମ୍ବାଇରେ ରାଜ୍ୟପାଳ ସି.ପି. ରାଧାକ୍ରିଷ୍ଣନ, ମୁଖ୍ୟମନ୍ତ୍ରୀ ଏକନାଥ ସିନ୍ଦେ ଏବଂ ଉପମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡନବିସ୍ ଓ ଅଜିତ ପାଓ୍ଵାର ବୀର ଶହୀଦମାନଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି । ୨୦୦୮ ମସିହାରେ ମୁମ୍ବାଇ ଆତଙ୍କବାଦୀ ଆକ୍ରମଣ ସମୟରେ ଆତଙ୍କବାଦୀଙ୍କ ସହ ଲଢ଼େଇ କରି ଚରମ ବଳିଦାନ ଦେଇଥିବା ପୋଲିସ୍ ଅଧିକାରୀ ଓ ଯବାନଙ୍କୁ ସମ୍ମାନ ପ୍ରଦର୍ଶନ ସ୍ୱରୂପ ମୁମ୍ବାଇ ପୋଲିସ୍ କମିଶନରେଟ୍ ପକ୍ଷରୁ ପୋଲିସ୍ ଶହୀଦ ସ୍ମାରକୀରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଛି ।

ଏହି ଅବସରରେ ୧ ପ୍ଲାଟୁନ୍ ପୋଲିସ୍ ସଲାମୀ ଶସ୍ତ୍ର ପ୍ରଦାନ କରିଥିଲେ ।

ପରେ ରାଜ୍ୟପାଳ, ମୁଖ୍ୟମନ୍ତ୍ରୀ ଓ ଉପମୁଖ୍ୟମନ୍ତ୍ରୀ ଶହୀଦ ପୋଲିସ୍ ପରିବାରବର୍ଗଙ୍କୁ ଭେଟିଥିଲେ । ସୂଚନାଯୋଗ୍ୟ, ୨୦୦୮ ନଭେମ୍ବର ୨୬ ତାରିଖରେ ମୁମ୍ବାଇରେ ଭୟଙ୍କର ଆତଙ୍କବାଦୀ ଆକ୍ରମଣ ହୋଇଥିଲା । ୪

ଦିନ ମଧ୍ୟରେ ଲସ୍କର-ଏ-ତୋୟବା ର ୧୦ଜଣ ଆତଙ୍କବାଦୀ ସହରର ବିଭିନ୍ନ ସ୍ଥାନରେ ଆକ୍ରମଣ କରିଥିଲେ । ଏଥିରେ ୧୬୬ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ୩୦୦ରୁ ଅଧିକ ଲୋକ ଆହତ ହୋଇଥିଲେ ।

## ଏକନାଥ-ରିଜାଇନ୍

ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ପଦରୁ ଏକନାଥ ସିନ୍ଦେ ଇସ୍ତଫା ପ୍ରଦାନ କରିଛନ୍ତି । ନୂତନ ସରକାର ଗଠନ ହେବା ପର୍ଯ୍ୟନ୍ତ ଶ୍ରୀ ସିନ୍ଦେଙ୍କୁ କାମଚଳା ମୁଖ୍ୟମନ୍ତ୍ରୀ ଭାବେ ରାଜ୍ୟପାଳ ସି.ପି. ରାଧାକ୍ରିଷ୍ଣନ୍ ଦାୟିତ୍ୱ ପ୍ରଦାନ କରିଛନ୍ତି । ଆଜି ଚଳିତ ବିଧାନସଭା କାର୍ଯ୍ୟକାଳ ଶେଷ ହେଉଥିବା ବେଳେ ମୁଖ୍ୟମନ୍ତ୍ରୀଙ୍କ ସମେତ ଦୁଇ ଉପମୁଖ୍ୟମନ୍ତ୍ରୀ ମଧ୍ୟ ରାଜଭବନରେ ରାଜ୍ୟପାଳଙ୍କୁ ସାକ୍ଷାତ କରିଥିଲେ ।

ସୂଚନା ଅନୁଯାୟୀ ବିଜେପି ନେତୃତ୍ୱାଧୀନ ମହାଯୁତି ମେଣ୍ଟ ମହାରାଷ୍ଟ୍ର ବିଧାନସଭା ନିର୍ବାଚନରେ ୨୮୮ଟି ଆସନ ମଧ୍ୟରୁ ୨୩୦ଟିରେ ବିଜୟଲାଭ କରି ସରକାର ଗଠନ ନିମନ୍ତେ ପ୍ରମୁଖ ଦାବିଦାର ସାବ୍ୟସ୍ତ ହୋଇଛି ।

## ଶଶିକାନ୍ତ-ପାସେସ୍‌ଆୱେ

ଏସ୍.ଆର୍. ଗ୍ରୁପ୍‌ର ସହ-ପ୍ରତିଷ୍ଠାତା ଶଶିକାନ୍ତ ରୁଇୟାଙ୍କର ୮୧ ବର୍ଷ ବୟସରେ ପରଲୋକ ଘଟିଛି । ଏସ୍.ଆର୍. ଗ୍ରୁପ୍‌ର ଅଧ୍ୟକ୍ଷ ଶିଳ୍ପପତି ଶଶିକାନ୍ତ ରୁଇୟା ଭାରତର କର୍ପୋରେଟ କ୍ଷେତ୍ରକୁ ପୁନଃ ସଂଗଠିତ କରିବା କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ । ପରିବାରବର୍ଗଙ୍କ ସୂଚନା

ଅନୁଯାୟୀ ଗତକାଲି ରାତି ୧୧ଟା ୫୫ ମିନିଟ୍‌ରେ ଶ୍ରୀ ରୁଇୟାଙ୍କର ପରଲୋକ ଘଟିଥିଲା । ସେ ଜଣେ ପରୋପକାରୀ ମଣିଷ ଥିଲେ ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଶିଳ୍ପପତି ଶଶିକାନ୍ତ ରୁଇୟାଙ୍କ ବିୟୋଗରେ ଗଭୀର ଶୋକ ପ୍ରକାଶ କରିଛନ୍ତି । ସେ କହିଛନ୍ତି ଶଶିକାନ୍ତ ରୁଇୟା ଶିଳ୍ପ ଜଗତର ଜଣେ ବିରାଟ ବ୍ୟକ୍ତିତ୍ୱ ଥିଲେ । ଦେଶକୁ କିପରି ଉନ୍ନତି ପଥରେ ଅଗ୍ରସର କରାଯିବ, ଶ୍ରୀ ରୁଇୟା  ସର୍ବଦା ସେଇ ବିଷୟରେ ଆଲୋଚନା କରୁଥିଲେ ବୋଲି ଶ୍ରୀ ମୋଦୀ କହିଛନ୍ତି ।

## ଟ୍ରମ୍ପ୍ କେସ୍ ଡିସ୍‌ମିସ୍

ଆମେରିକାର ନବନିର୍ବାଚିତ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍‌ଙ୍କ ବିରୋଧରେ ଚାଲିଥିବା ନିର୍ବାଚନରେ ହସ୍ତକ୍ଷେପ ଏବଂ ଗୋପନୀୟ ଦସ୍ତାବିଜ୍ ମାମଲାକୁ ସେଠାକାର ଏକ କୋର୍ଟ୍ ଖାରଜ କରିଛନ୍ତି । ଆମେରିକାର ସ୍ୱତନ୍ତ୍ର କାଉନ୍‌ସେଲ୍ ଜାଜ୍ ସ୍ମିଥ୍ ଅଭିଯୋଗ ପ୍ରତ୍ୟାହାର ନିମନ୍ତେ ଅନୁରୋଧ କରିବା ପରେ ଫେଡେରାଲ୍ କୋର୍ଟ୍ ଏହି ନିଷ୍ପତ୍ତି ନେଇଛନ୍ତି । ବର୍ତ୍ତମାନ ରାଷ୍ଟ୍ରପତିଙ୍କ ବିରୋଧରେ ମାମଲା ରୁଜୁ କରିବା ନିୟମ ବିରୋଧି ହୋଇଥିବା ଏବଂ ଏଥିସହିତ ଜଡ଼ିତ ନିଷ୍ପତ୍ତି ମାମଲାର ଯୋଗ୍ୟତା ଉପରେ ଆଧାରିତ ନୁହେଁ ବୋଲି ସେ ଦର୍ଶାଇବା ପରେ କୋର୍ଟ୍ ଏହାକୁ ଖାରଜ କରିଛନ୍ତି । କୋର୍ଟ୍ ତାଙ୍କ ରାୟରେ କହିଛନ୍ତି,  ଏହି ନିଷ୍ପତ୍ତି ଜନସ୍ୱାର୍ଥ ବିରୋଧୀ ନୁହେଁ ଏବଂ ବିରୋଧୀ ଆଇନ୍‌ଜୀବୀମାନେ ମାମଲା ପ୍ରତ୍ୟାହାର ବିଷୟକୁ ବିରୋଧ କରିନାହାନ୍ତି ।

ସୁପ୍ରିମ୍‌କୋର୍ଟ୍ ନବନିର୍ବାଚିତ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍‌ଙ୍କୁ ଅପରାଧିକ ମାମଲାରୁ ସାମୟିକ ଆଶ୍ୱସ୍ତି ପାଇଁ ନିର୍ଦ୍ଦେଶ ଦେବା ପରେ ଏଭଳି ରାୟ

ପ୍ରକାଶ ପାଇଛି । ଉଭୟ ମାମଲାରେ ଦୋଷୀ ସାବ୍ୟସ୍ତ ନୁହେଁ ବୋଲି କହି ଆସୁଥିବା ଡୋନାଲ୍ଡ ଟ୍ରମ୍ପ୍ ଆଇନ୍‌ର ଶାସନ ପାଇଁ ଏହା ଏକ ବଡ଼ ବିଜୟ ବୋଲି କହିଛନ୍ତି ।

ସୂଚନା ଯୋଗ୍ୟ ଆସନ୍ତା ବର୍ଷ ଜାନୁଆରୀ ୨୦ ତାରିଖରେ ଶ୍ରୀ ଟ୍ରମ୍ପ୍ ଆମେରିକାର ରାଷ୍ଟ୍ରପତି ଭାବେ ଶପଥ ଗ୍ରହଣ କରିବାକୁ ଯାଉଛନ୍ତି ।